# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 2083 CUTTACK, MONDAY, NOVEMBER 12, 2018/KARTIKA 21, 1940**


## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ 21 ଅଗଷ୍ଟ 2018

ସଂଖ୍ୟା 31102—RDM-LAA-MBJ-0048/2018-R&DM.—ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ଦେଓ ଜଳସେଚନ ପ୍ରକଳ୍ପର ରାମଚନ୍ଦ୍ରପୁର ଡେିଳ ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା ରାମଚନ୍ଦ୍ରପୁର, ଥାନା କରଞ୍ଜିଆ ନଂ. ୧୯, ତହସିଲ କରଞ୍ଜିଆ, ଜିଲ୍ଲା ମୟୂରଭଞ୍ଜରେ ନିମ୍ନ ତଫସିଲମତେ ପ୍ରାୟ 1.02 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013 (RFCTLAR & R Act, 2013) ର 11(1) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013 ର ଧାରା 11(1) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଦେଓ ଜଳସେଚନ ପ୍ରକଳ୍ପର ରାମଚନ୍ଦ୍ରପୁର ଡେିଳ ମାଇନର ନିର୍ମାଣ ନିମନ୍ତେ ।

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଦେଓ ଜଳସେଚନ ପ୍ରକଳ୍ପ, କରଞ୍ଜିଆ ।

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃବସତି ଅଧିକାରୀଙ୍କ କାର୍ଯ୍ୟାଳୟ, କରଞ୍ଜିଆ, ମୟୂରଭଞ୍ଜ ।

୬ । ଜମିର ବିବରଣୀ —

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ମୟୂରଭଞ୍ଜ | କରଞ୍ଜିଆ | ରାମଚନ୍ଦ୍ରପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୩.୦୨ ଏକର | ୧.୦୨ ଏକର | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃବସତି ଅଧିକାରୀ, କରଞ୍ଜିଆ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ୱା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**ଭୂମି ଅନୁସୂଚୀ**

| ଖାତା ନମ୍ବର | ପ୍ଲଟ୍ ନଂ. | ମୋଟ ରକବା | ଅଧିଗୃହିତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ |
|---|---|---|---|---|---|
| (1) | (2) | (3) | (4) | (5) | (6) |
| | | ଏକର | ଏକର | | |
| 3 | 633 | 0.12 | 0.03 | ଶାରଦ ଦୁଇ | କଳାଇ କୋହ୍ଲ, ପି. ବୁଧୁ କୋହ୍ଲ, ଜା. କୋହ୍ଲ, ବା. ନିଜଗାଁ |
| 12 | 643 | 0.43 | 0.17 | ଡାହି ଏକ | ଯୁଧିଷ୍ଠିର ମହାକୁଡ, ବିପିନ ମହାକୁଡ, ରମେଶ ମହାକୁଡ, ପି. ସର୍ଦ୍ଦାର ମହାକୁଡ, ଜା. ମଗଧା ଗଉଡ, ବା. ନିଜଗାଁ । |
| 35 | 365 | 0.34 | 0.13 | ଶାରଦ ଦୁଇ | ବୁଧୁରାମ ମହାକୁଡ, ସାଗର ମହାକୁଡ, ପି. ମହାନ୍ତି ମହାକୁଡ, କୁଆଁର ମହାକୁଡ, ଶୁକଦେବ ମହାକୁଡ, ପି. ବଳରାମ ମହାକୁଡ, ଜା. ଗୋପାଳ, ବା. ନିଜଗାଁ । |
| | 636 | 0.08 | 0.01 | ଶାରଦ ଦୁଇ | |
| | 640 | 0.08 | 0.05 | ଶାରଦ ତିନି | |
| | 641 | 0.39 | 0.36 | ଶାରଦ ତିନି | |
| | 642 | 0.16 | 0.06 | ଶାରଦ ତିନି | |
| | 644 | 0.42 | 0.01 | ଶାରଦ ତିନି | |
| 51/5 | 643/907 | 1.00 | 0.20 | ଡାହି ଏକ | କୁଶ ମହାକୁଡ, ପି. ଗାର୍ନ୍ଦୀ ମହାକୁଡ, ଜା. ମଗଧା ଗଉଡ, ବା. ଝଲକିଆଣୀ । |
| | **ମୋଟ . .** | **3.02** | **1.02** | | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଅଭୟ କୁମାର ନାୟକ**

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz.1560—173+20